# NATIONAL NEWS BULLETIN (ODIA)

## 19th September - 2024

## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଇନ୍ଦୋରଠାରେ ସଫାଇ ମିତ୍ର ସମ୍ମେଳନରେ ଉଦ୍‌ବୋଧନ ଦେବା ସହ ଉଜ୍ଜୟିନୀ-ଇନ୍ଦୋର ସଡ଼କ ପ୍ରକଳ୍ପ ଲାଗି କରିବେ ଭୂମିପୂଜନ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତ କରି ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ ।
- ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଗତକାଲି ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତାଧିକାର ସାବ୍ୟସ୍ତ କଲେ ୬୧ ପ୍ରତିଶତ ମତଦାତା ।
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱ ଖାଦ୍ୟ ଭାରତ ମହୋତ୍ସବ-୨୦୨୪ ।

ଏବଂ

- ଭାରତ-ବାଂଲାଦେଶ ମଧ୍ୟରେ ଆଜିଠାରୁ ଚେନ୍ନାଇରେ ଆରମ୍ଭ ହେଉଛି ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ।

## ଏମ୍. - ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ମଧ୍ୟପ୍ରଦେଶ ଗସ୍ତର ଦ୍ୱିତୀୟ ଦିନରେ ଆଜି ଉଜ୍ଜୟିନୀରେ ପହଞ୍ଚିବେ । ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଏହି ଅବସରରେ ଉଜ୍ଜୟିନୀଠାରେ ଆୟୋଜିତ ହୋଇଥିବା ସଫାଇ ମିତ୍ର ସମ୍ମେଳନରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେବା ସହ ସଫାଇ ମିତ୍ରଙ୍କ ସହିତ ଭାବ ବିନିମୟ କରିବେ ।

ପରେ ଶ୍ରୀମତୀ ମୁର୍ମୁ ଉଜ୍ଜୟିନୀ-ଇନ୍ଦୋର ୬ ଲାଇନ୍ ବିଶିଷ୍ଟ ସଡ଼କ ପ୍ରକଳ୍ପ ଲାଗି ଭୂମିପୂଜନ କରିବେ । ଏଥିସହିତ ରାଷ୍ଟ୍ରପତି ମହାକାଳେଶ୍ୱର ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହିତ ସ୍ୱଚ୍ଛତା ହିଁ ସେବା ପକ୍ଷ ଅବସରରେ ମନ୍ଦିର ପରିସରରେ ଶ୍ରମଦାନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ସେ ଇନ୍ଦୋରସ୍ଥିତ ଦେବି ଆହିଲ୍ୟା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମଧ୍ୟ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ପ୍ରେସିଡେଣ୍ଟ - ଏମ୍.ପି. ଭିଜିଟ୍

ରାଷ୍ଟ୍ରପତି ଇନ୍ଦୋର ଗସ୍ତ ଅବସରରେ ଗତକାଲି ସ୍ଥାନୀୟ ଏକ ଏମ୍ପୋରିୟମ୍‌ରେ ହସ୍ତତନ୍ତ ବୁଣାକାରଙ୍କଦ୍ୱାରା ସିଲ୍‌କ ଓ ସୂତାରେ ପ୍ରସ୍ତୁତ ଚାନ୍ଦେଲି ଓ ମାହେଶ୍ୱରୀ ଶାଢ଼ୀଗୁଡ଼ିକର କଳାକୃତି ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଛି । ଏହି ଅବସରରେ ବୁଣାକାରମାନଙ୍କ ସହିତ ଆଲୋଚନା କାଳରେ ରାଷ୍ଟ୍ରପତି ଆମର ପୂର୍ବ ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷିତ ତଥା ସଂରକ୍ଷିତ କରି ରଖିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ବୁଣାକାରମାନଙ୍କର ସମାଜ ପ୍ରତି ଅନେକ ଅବଦାନ ରହିଥିବାରୁ ସେମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ନିଯୁକ୍ତି ସୁଯୋଗ ଦେବା ଉପରେ ଶ୍ରୀମତୀ ମୁର୍ମୁ ଆଲୋକପାତ କରିଥିଲେ । ରାଷ୍ଟ୍ରପତି ସ୍ଥାନୀୟ ହସ୍ତତନ୍ତ ବୁଣାକାର, ଜନଜାତି କାରିଗରମାନଙ୍କ ସହିତ ଭାବ ବିନିମୟ କରିଥିଲେ । ଏଥିସହିତ ଶ୍ରୀମତୀ ମୁର୍ମୁ ସେମାନଙ୍କର କଳାର ପ୍ରଶଂସା ମଧ୍ୟ କରିଛନ୍ତି । ଏହି ଅବସରରେ ବୁଣାକାରମାନେ ସ୍ୱନିର୍ମିତ ଏକ କଳାକୃତି ରାଷ୍ଟ୍ରପତିଙ୍କୁ ଉପହାର ଦେଇଥିଲେ । ରାଷ୍ଟ୍ରପତିଙ୍କ ସହିତ ମଧ୍ୟପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ପଟେଲ୍, ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ପି.ଏମ୍. - ୱାର୍ଦ୍ଧା

ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ଏହି ଯୋଜନାର ହିତାଧିକାରୀଙ୍କୁ ଋଣ ଓ ମାନପତ୍ର ପ୍ରଦାନ କରିବେ । ୧୮ଟି ବିଭିନ୍ନ ବର୍ଗର ୧୮ ଜଣ ହିତାଧିକାରୀଙ୍କୁ ସେମାନଙ୍କର ଉତ୍କର୍ଷ ପ୍ରଦର୍ଶନ ଲାଗି ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ । ଏହାଛଡ଼ା ଶ୍ରୀ ମୋଦି ଏହି ଅବସରରେ ଏକ ସ୍ମାରକୀ ଡାକଟର ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

ମହାରାଷ୍ଟ୍ର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ପି.ଏମ୍. ମିତ୍ର ପାର୍କ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିବେ । ପ୍ରାୟ ୧ ହଜାର ଏକର ପରିମିତ ଅଞ୍ଚଳରେ ବିକଶିତ ହେବାକୁ ଥିବା ଏହି ପାର୍କ ବୟନଶିଳ୍ପ କ୍ଷେତ୍ରରେ ଭାରତକୁ ବିଶ୍ୱ ହବ୍ ଭାବେ ପ୍ରତିଷ୍ଠା କରିବା ଦିଗରେ ଅନ୍ୟ ଏକ ପଦକ୍ଷେପ ବୋଲି ସରକାରୀ ଭାବେ କୁହାଯାଇଛି ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ସରକାରଙ୍କର ଆଚାର୍ଯ୍ୟ ଚାଣକ୍ୟ ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ କରିବେ । ରାଜ୍ୟର ୧୫ରୁ ୪୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଆତ୍ମନିର୍ଭର କରାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା

ଉଦ୍ଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପୁଣ୍ୟଶ୍ଳୋକ ଆହିଲାଦେବୀ ହୋଲ୍‌କର ମହିଳା ଷ୍ଟାର୍ଟଅପ୍ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ମହାରାଷ୍ଟ୍ରର ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସମାଜର ସମସ୍ତ ବର୍ଗର ମହିଳାଙ୍କୁ ଆତ୍ମନିର୍ଭର କରିବା ଦିଗରେ ଏହି ଯୋଜନା ସହାୟକ ହେବ ।

## ଜେ.କେ. ଟର୍ଣ୍ଣଆଉଟ୍

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ଗତକାଲି ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୧ ପ୍ରତିଶତ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଗତ ୩୫ ବର୍ଷ ମଧ୍ୟରେ ଏହା ହେଉଛି ରାଜ୍ୟରେ ସର୍ବାଧିକ ମତଦାନ । ପୁଲ୍‌ୱାମା, ଶୋପିଆନ୍, ଗୁଲ୍‌ଗାଓଁ, କିସ୍ତୱାର, ଅନନ୍ତନାଗ, ରାମ୍‌ବନ୍ ଓ ଡୋଡା ଜିଲ୍ଲାର ୨୪ଟି ବିଧାନସଭା ଆସନରେ ଗତକାଲି ଶନ୍ତିପୂର୍ଣ୍ଣ ଭାବେ ଭୋଟ୍‌ଗ୍ରହଣ ସମ୍ପନ୍ନ ହୋଇଛି ବୋଲି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଆୟୋଗ କହିଛନ୍ତି, ସେଠାରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ମତଦାନ

କେନ୍ଦ୍ରଗୁଡ଼ିକକେର ଯୁବବର୍ଗ ଏବଂ ମହିଳା ଭୋଟର୍‌ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ହିଂସାକୁ ପରିତ୍ୟାଗ କରିବା ସହ ଏହାର ବିପକ୍ଷରେ ମତଦାନ କରିବା ଲାଗି ଜନତାଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯିବା ସହ ୩୨ ଜଣ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସେଠାରେ ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଜମ୍ମୁ, ଉଦ୍ଧମପୁର ଏବଂ ଦିଲ୍ଲୀରେ ପ୍ରତିଷ୍ଠା କରାଯାଇଥିବା ୨୪ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ରରେ ପ୍ରବାସୀ କାଶ୍ମୀର ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ପ୍ରଥମ ଥର ଲାଗି ନିଜ ବାସଗୃହରୁ ମତଦାନ କରିବାର ସୁବିଧା ମଧ୍ୟ ଉପଲବ୍ଧ କରାଯାଇଥିଲା ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ଜେ.କେ. ଆସେମ୍ବ୍ଲି ପୋଲ୍‌ସ

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତକାଲି ଶାନ୍ତିପୂର୍ଣ୍ଣ ସହ ସମ୍ପନ୍ନ ହୋଇଛି । ଆସନ୍ତା ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲାର ୨୬ଟି ବିଧାନସଭା ଆସନଲାଗି ଭୋଟ୍‌ଗ୍ରହଣ କରାଯିବ । ଏହି ଆସନଗୁଡ଼ିକ ମଧ୍ୟରୁ ଗନ୍ଦରବାଲ୍ ଜିଲ୍ଲାର ଗନ୍ଦରବାଲ୍ ବିଧାନସଭା ଆସନ ଅନେକ ଗୁରୁତ୍ୱ ବହନ କରେ । ଏ ସମ୍ପର୍କରେ ଆମ ଶ୍ରୀନଗର ସମ୍ବାଦଦାତା ଜଣାଇଛନ୍ତି, ଗନ୍ଦରବାଲ୍

ଆସନ ଲାଗି ବିଭିନ୍ନ ରାଜନୈତିକ ଦଳର ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ୍ କନ୍‌ଫରେନ୍ସର ଉପସଭାପତି ଉମର ଅବଦୁଲ୍ଲା, ପି.ଡି.ପି.ର ବସିର ଅହମ୍ମଦ ମିର, ଆୱାନି ଇତେହାଦ ପାର୍ଟିର ମହମ୍ମଦ ଆସାକ୍ ମିର୍, ପୂର୍ବତନ ବିଧାୟକ ଇଶ୍‌ଫାକ୍ ଜବର ଅନ୍ୟତମ ।

ଏହି ନିର୍ବାଚନ ଲାଗି ସେଠାରେ ୧୫୭ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ୧ ଲକ୍ଷ ୨୯ ହଜାର ୧୧୪ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଇତିମଧ୍ୟରେ ବିଭିନ୍ନ ଦଳର ଷ୍ଟାର୍ ପ୍ରଚାରକମାନେ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ର୍‍ୟାଲି ଓ ରୋଡ୍‌ଶୋ’ କରିବା ସହିତ ଘରକୁ ଘର ବୁଲି ଲୋକଙ୍କୁ ଭେଟି ନିଜ ନିଜ ସପକ୍ଷରେ ପ୍ରଚାର ଚଳାଇଛନ୍ତି । ଏହି ପର୍ଯ୍ୟାୟ ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ୱାର୍ଲଡ୍ ଫୁଡ୍ ଇଣ୍ଡିଆ

ବିଶ୍ୱ ଖାଦ୍ୟ ଭାରତ ମହୋତ୍ସବ-୨୦୨୪ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହି ଚାରିଦିନିଆ ମହୋତ୍ସବ ସମ୍ପର୍କରେ ସୂଚନା ଦେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଖାଦ୍ୟ ପ୍ରକ୍ରିୟାକରଣ

କ୍ଷେତ୍ରରେ ଅଭିନବ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିବା ସହ ନିରନ୍ତର ଯୋଗାଣ ଉପରେ ପ୍ରାଥମିକତା ଦେଇ ଏଥିରେ ଆଲୋଚନା କରାଯିବ । ଏହି କ୍ଷେତ୍ରରେ ଭାରତ ବିଶ୍ୱର ଏକ ଶକ୍ତିକ୍ଷେତ୍ର ଭାବେ ନେଉଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏହି ମହୋତ୍ସବରେ ଆଲୋକପାତ କରାଯିବ । ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ୯୦ରୁ ଅଧିକ ରାଷ୍ଟ୍ର ଏବଂ ୧୮ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏଥିରେ ଅଂଶଗ୍ରହଣ କରିବେ । ଜାପାନ ଏହି ମହୋତ୍ସବର ଭାଗିଦାରୀ ରାଷ୍ଟ୍ରଭାବେ ଯୋଗଦେବ । ସେହିଭଳି ଭିଏତ୍‌ନାମ୍ ଓ ଇରାନ୍ ଫୋକସ୍ ଦେଶଭାବେ ଏଥିରେ ଅଂଶଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଲେବାନନ୍ ବ୍ଲାଷ୍ଟ

ଲେବାନନ୍‌ରେ ଗତ ଦୁଇ ଦିନ ଧରି ସିରିଜ୍ ବୋମା ବିସ୍ଫୋରଣରେ ପ୍ରାୟ ୩୨ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଦେଶରେ ଗତକାଲି ଓ୍ୱାକିଟକି ବିସ୍ଫୋରଣରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୫୦ ଜଣ ଆହତ ହୋଇଛନ୍ତି । ସେହିଭଳି ଗତ ମଙ୍ଗଳବାର ଦିନ ପେଜର୍ ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ସମୟରେ ଅନ୍ୟ ୩ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି । ଲେବାନନ୍‌ରେ ଉତ୍ତେଜନା ବୃଦ୍ଧି ପାଇବା ଦିଗରେ ଇସ୍ରାଏଲ୍‌ର

ହାତ ରହିଛି ବୋଲି ଜୋର୍ଡ଼ାନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଆୟିମାନ ସଫାଦି ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଏକ ନୂତନ ଯୁଗର ଯୁଦ୍ଧ ଆରମ୍ଭ ହୋଇଛି ବୋଲି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ୟୋଭ୍ ଗାଲାଣ୍ଟ କହିଛନ୍ତି ।

## ଇଣ୍ଡିଆ-ବାଂଲାଦେଶ କ୍ରିକେଟ୍ ଟେଷ୍ଟ

ଭାରତ-ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ କ୍ରିକେଟ୍ ମ୍ୟାଚ୍ ଆଜି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଗୌତମ ଗାମ୍ଭୀର ଭାରତର କୋଚ୍ ଭାବେ ଦାୟିତ୍ୱ ନେବା ପରେ ଏହା ହେଉଛି ଦଳ ଲାଗି ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ । ନିକଟ ଅତୀତରେ ବାଂଲାଦେଶ ପାକିସ୍ତାନ ବିପକ୍ଷରେ ସିରିଜ୍ ବିଜୟ ହେବା ପରେ ଆତ୍ମବିଶ୍ୱାସର ସହ ଆଜିର ମ୍ୟାଚ୍ ଖେଳିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଅନ୍ୟପକ୍ଷରେ ଚଳିତ ବର୍ଷର ପ୍ରଥମାର୍ଦ୍ଧରେ ଭାରତ ଇଂଲଣ୍ଡ ବିପକ୍ଷରେ ୪-୧ରେ ଟେଷ୍ଟ ସିରିଜ୍ ବିଜୟୀ ହୋଇ ଆଜି ପଡ଼ିଆକୁ ଓହ୍ଲାଇବ ।

## ବ୍ୟାଡ୍‌ମିଣ୍ଟନ

ଚୀନ୍ ଓପନ୍-୨୦୨୪ ବ୍ୟାଡ୍‌ମିଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍‌ସ୍ ପ୍ରାରମ୍ଭିକ ରାଉଣ୍ଡରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତର ମାଳବିକା ବନ୍‌ସୋଦ୍ ବିଜୟୀ ହୋଇଛନ୍ତି । ସେ ଇଣ୍ଡୋନେସିଆର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୬-୨୪, ୨୧-୧୯ରେ ପରାସ୍ତ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଆଜି ସେ ସ୍କଟ୍‌ଲ୍ୟାଣ୍ଡର କିର୍ଷ୍ଟି ଗିଲ୍‌ମୋର୍‌ଙ୍କୁ ଭେଟିବେ । ଅନ୍ୟପକ୍ଷରେ ଏହି ବର୍ଗରେ ଭାରତର ଆକର୍ଷି କାଶ୍ୟପ ତାଙ୍କର ଚୀନ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ନିକଟରୁ ପରାସ୍ତ ହୋଇଛନ୍ତି ।

## ସାଫ୍ - ୟୁ.୧୭

ଭାରତର ୧୭ ବର୍ଷରୁ କମ୍ ପୁରୁଷ ଫୁଟ୍‌ବଲ୍ ଦଳ ସାଫ୍ ଚାମ୍ପିୟନ୍‌ସିପ୍‌ରେ ଭାଗ ନେବାଲାଗି ଭୁଟାନ୍‌ରେ ପହଞ୍ଚିଛନ୍ତି । ଆସନ୍ତାକାଲିଠାରୁ ଥିମ୍ପୁସ୍ଥିତ ଚାଙ୍ଗଲିମିଥାଙ୍ଗ୍ ଷ୍ଟାଡିୟମ୍‌ଠାରେ ୩୦ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହେବ । କୋଚ୍ ଇଶାକ୍ ଅହମ୍ମଦଙ୍କ ମାର୍ଗଦର୍ଶନ ୨୩ ଜଣିଆ ଭାରତୀୟ ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଆସନ୍ତାକାଲି ଭାରତ ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବ ।

ଗତବର୍ଷ ୧୬ ବର୍ଷରୁ କମ୍ ଏହି ସାଫ୍ ଚାମ୍ପିୟନ୍‌ସିପ୍‌ରେ ଭାରତ ଚାମ୍ପୟନସିପ୍ ହୋଇଥିଲା ।

*****